ଓଡ଼ିଶା ସରକାର

ବିଧି ବିଭାଗ

# ଓଡ଼ିଶା ସମ୍ପତ୍ତିର (ଗ୍ରାମ ଶାସନଠାରେ) ନିଧାନ ଅଧିନିୟମ, ୧୯୬୪

**The Oriya Translation of the Orissa Vesting of Properties (in Grama Sasan) Act, 1964**

[ *Price—Re. 0·23 Paise* ]

# ଓଡ଼ିଶା ସମ୍ପତ୍ତିର ( ଗ୍ରାମ ଶାସନଠାରେ ) ନିଧାନ ଅଧିନିୟମ, ୧୯୬୪

## ବିଷୟବସ୍ତୁର ସୂଚୀ


| ଉଦ୍ଦେଶିକା ଧାରା | | ପୃଷ୍ଠା |
|---|---|---|
| ୧ । ସଂକ୍ଷିପ୍ତ ନାମ, ବିସ୍ତାର ଓ ପ୍ରାରମ୍ଭ | .. | ୧ |
| ୨ । ପରିଭାଷା | .. | ୧ |
| ୩ । ସରକାରଙ୍କର ଥିବା ଡୋଠାବାଡୀ ଓ ପୋଖରୀର ନିଧାନ | .. | ୧-୨ |
| ୪ । ଦାବୀ ଫାଇଲ କରାଯିବା | .. | ୨ |
| ୫ । ଗ୍ରାମ ଶାସନରେ ନିହିତ ସମ୍ପତ୍ତିର ଦଖଲ ଓ ପରିଚାଳନା ନିଆଯିବା | .. | ୨-୩ |
| ୬ । ନିହିତ ହୋଇସାରିଥିବା ସମ୍ପତ୍ତି ସମ୍ପର୍କରେ ବିଶେଷ ଉପବନ୍ଧ | .. | ୩ |
| ୭ । ପରିଚାଳନାରୁ ପ୍ରତ୍ୟାହରଣ | ... | ୩-୪ |
| ୮ । ଅପିଲ ଓ ପୁନରୀକ୍ଷଣ ଏବଂ ସିଭିଲ ନ୍ୟାୟାଳୟର ଅଧିକାରିତାର ପ୍ରତିବନ୍ଧକ | .. | ୪ |
| ୯ । ପ୍ରାଧିକାରୀମାନେ ସିଭିଲ ନ୍ୟାୟାଳୟର କେତେକ ଶକ୍ତି ପ୍ରୟୋଗ କରିବେ | .. | ୪-୫ |
| ୧୦ । ନିୟମାବଳି ପ୍ରଣୟନ କରିବା ଶକ୍ତି | .. | ୫ |
| ୧୧ । ଅଧିନିୟମ ଅନ୍ୟାନ୍ୟ ବିଧିକୁ ଉଲ୍ଲଂଘନ କରିବ | .. | ୫ |
| ୧୨ । ସନ୍ଦେହ ଓ ଅଡୁଆ ଦୂରକରିବା ଶକ୍ତି | .. | ୫ |

# ବିଧି ବିଭାଗ

## ଅଧିସୂଚନା

ତା ୨ ଜୁଲାଇ ୧୯୬୪

ସଂ ୪୯୯୭-ଲେଜିସ୍—ଓଡ଼ିଶା ବିଧାନ ସଭାର ନିମ୍ନଲିଖିତ ଅଧିନିୟମ ୪ ଜୁନ୍ ୧୯୬୪ରେ ରାଷ୍ଟ୍ରପତିଙ୍କ ଦ୍ୱାରା ଅନୁମତ ହୋଇ ଏତଦ୍ଦ୍ୱାରା ବ୍ୟାପକ ଅବଗତି ନିମନ୍ତେ ପ୍ରକାଶିତ ହେଲା :—

### ୧୯୬୪ ର ଓଡ଼ିଶା ଅଧିନିୟମ, ୧୦

ଓଡ଼ିଶା ସମ୍ପତ୍ତିର ( ଗ୍ରାମ ଶାସନଠାରେ ) ନିଧାନ ଅଧିନିୟମ, ୧୯୬୪ ;

ଉତ୍ତମ ପରିଚାଳନା ଓ ନିୟନ୍ତ୍ରଣାର୍ଥ ଗ୍ରାମ ଶାସନଠାରେ କେତେକ ସମ୍ପତ୍ତିର ନିଧାନ ଏବଂ ତହିଁରେ ଥିବା ଅଧିକାରର ନିର୍ବାପନ ନିମନ୍ତେ ଏକ ଅଧିନିୟମ;

ଯେହେତୁ ସରକାରଙ୍କର ଥିବା ତୋଟାବାଡ଼ି, ପୋଖରୀ ଓ ଗଛର ଦଖଲ, ପରିଚାଳନା ଓ ନିୟନ୍ତ୍ରଣ ଏହାପରେ ଲିଖିତ ରୀତିରେ ସେପରି ସମ୍ପତ୍ତିର ଉତ୍ତମ ପରିଚାଳନା, ନିୟନ୍ତ୍ରଣ ଓ ଉପଯୋଜନ ନିମନ୍ତେ ଲୋକ ହିତ ଦୃଷ୍ଟିରୁ ଗ୍ରାମ ଶାସନଠାରେ ନିଧାନ ଉପବନ୍ଧିତ କରିବା ସମୀଚୀନ;

ଏତଦ୍ଦ୍ୱାରା ଭାରତ ଗଣରାଜ୍ୟର ପଞ୍ଚଦଶ ବର୍ଷରେ ଓଡ଼ିଶା ରାଜ୍ୟର ବିଧାନମଣ୍ଡଳ ଦ୍ୱାରା ନିମ୍ନମତେ ଅଧିନିୟମିତ ହେଲା :—

**ସଂକ୍ଷିପ୍ତ ନାମ, ବିସ୍ତାର ଓ ପ୍ରାରମ୍ଭ**

୧ । (୧) ଏହି ଅଧିନିୟମକୁ ଓଡ଼ିଶା ସମ୍ପତ୍ତିର (ଗ୍ରାମ ଶାସନଠାରେ) ନିଧାନ ଅଧିନିୟମ, ୧୯୬୪ ବୋଲି ଯାଇପାରିବ ।

(୨) ଏହା ସମ୍ପୂର୍ଣ୍ଣ ଓଡ଼ିଶା ରାଜ୍ୟ ପ୍ରତି ବିସ୍ତୃତ ।

(୩) ସରକାର ଏଥିନିମନ୍ତେ ଅଧିସୂଚନା ଦ୍ୱାରା ଯେଉଁ ତାରିଖ ନିରୂପଣ କରିବେ, ଏହା ସେହି ତାରିଖରେ ପ୍ରବୃତ୍ତ ହେବ ।

**ପରିଭାଷା**

୨ । ଏହି ଅଧିନିୟମରେ ପ୍ରସଙ୍ଗ ଅନ୍ୟଥା ଆବଶ୍ୟକ କରୁ ନ ଥିଲେ—

(କ) "ଦାବୀ ଅଫିସର" କହିଲେ ଉପଜିଲ୍ଲା ଅଫିସରଙ୍କୁ ବୁଝାଏ ଏବଂ ଡେପୁଟି କଲେକ୍ଟର ପାହ୍ୟାରୁ ଊଣା ହୋଇ ନ ଥିବା ସରକାରଙ୍କ ଦ୍ୱାରା ସେହିରୂପେ ନିଯୁକ୍ତ ଅନ୍ୟ କୌଣସି ଅଫିସରଙ୍କୁ ଅନ୍ତର୍ଗତ କରେ;

(ଖ) "ସରକାର" କହିଲେ ଓଡ଼ିଶା ରାଜ୍ୟ ସରକାରଙ୍କୁ ବୁଝାଏ;

(ଗ) "ଗ୍ରାମ ଶାସନ", "ଗ୍ରାମ ପଞ୍ଚାୟତ" ଓ ଗ୍ରାମ ନିଧି" ଯଥାକ୍ରମେ ଓଡ଼ିଶା ଗ୍ରାମ ପଞ୍ଚାୟତ ଅଧିନିୟମ, ୧୯୪୮ ଅଧୀନରେ ଗଠିତ ଗ୍ରାମ ଶାସନ, ଗ୍ରାମ ପଞ୍ଚାୟତ ଓ ଗ୍ରାମ ନିଧିକୁ ବୁଝାଇବ;

(ଘ) "ବିହିତ' କହିଲେ ଏହି ଅଧିନିୟମ ଅଧୀନରେ ପ୍ରଣୀତ ନିୟମାବଳି ଦ୍ୱାରା ବିହିତ ହୋଇଥିବା ବୁଝାଏ ।

**ସରକାରଙ୍କର ଥିବା ତୋଟାବାଡ଼ି ଓ ପୋଖରୀର ନିଧାନ ।**

୩ । (୧) କଲେକ୍ଟର, ଲୋକ ହିତ ଦୃଷ୍ଟିରୁ ବିହିତ ରୀତିରେ ସୂଚନା ପ୍ରକାଶିତ କରି ସରକାରଙ୍କର ଥିବା କୌଣସି ପୋଖରୀ, ତୋଟାବାଡ଼ି ବା ଗଛର ଦଖଲ, ପରିଚାଳନା ଓ ନିୟନ୍ତ୍ରଣ ଅଧିକାରିତା ଥିବା ଗ୍ରାମ ଶାସନଠାରେ ନିହିତ ହୋଇଅଛି ବୋଲି ଘୋଷଣା କରିପାରିବେ :

ପରନ୍ତୁ, ଅଧିକାରିତା ଥିବା ଗ୍ରାମ ଶାସନର ଗ୍ରାମ ପଞ୍ଚାୟତ, ଦୁଇ ତୃତୀୟାଂଶ ସଂଖ୍ୟାଧିକ୍ୟ ଦ୍ୱାରା ଗୃହୀତ ପ୍ରସ୍ତାବ ଦ୍ୱାରା ସେପରି ସମ୍ପତ୍ତି ନେବା ନିମନ୍ତେ ତାହାର

ଇଚ୍ଛା ଅଭିବ୍ୟକ୍ତ ନ କଲେ ସେପରି ସମସ୍ତ ସମ୍ପର୍କରେ କୌଣସି ଘୋଷଣା ପ୍ରକାଶିତ ହେବ ନାହିଁ ଯହିଁରେ ରାଜ୍ୟ ସରକାରଙ୍କ ଦ୍ୱାରା ବା ତାହାଙ୍କ ତରଫରୁ ଯେକୌଣସି ସମୟରେ ବିନା କ୍ଷତିପୂରଣରେ ପର୍ଯ୍ୟବସେୟ ହେବାକୁ ଯୋଗ୍ୟ ଅଧିକାର ଭିନ୍ନ ଗାଁର ଲୋକ ସମଷ୍ଟି ବା ତାହାର କୌଣସି ଅଂଶର ଅନ୍ୟ ଅଧିକାର ଅଛି ।

(୨) ଉପଧାରା (୧) ଅଧୀନରେ ଘୋଷଣା କରାଗଲେ ସେପରି ପୋଖରୀ, ତୋଟା-ବାଡ଼ୀ ବା ଗଛ ସମ୍ପର୍କରେ ଗାଁର କୌଣସି ଲୋକ ସମଷ୍ଟି ବା ତାହାର କୌଣସି ଅଂଶ ସମେତ ସମସ୍ତ ବ୍ୟକ୍ତିଙ୍କର ତହିଁରେ ଅଧିକାର, ଯଦି ଥାଏ, ନିର୍ବାପିତ ହୋଇଯିବ :

ପରନ୍ତୁ ଏଥିରେ ଅନ୍ତର୍ଭିଷ୍ଟ କୌଣସି ବିଷୟ—

(କ) ପିଇବା ବା ଗାଧୋଇବା ଉଦ୍ଦେଶ୍ୟରେ ସେପରି ପୋଖରୀ ଜଳର ନିତିଗତ ବ୍ୟବହାରକୁ; ବା

(ଖ) ଉକ୍ତ ଅଞ୍ଚଳରେ ପ୍ରବୃତ୍ତ ଥିବା କୌଣସି ବିଧି ଅଧୀନରେ ତହିଁରେ ଅନୁଜ୍ଞାତ କୌଣସି ସେଚନ ଅଧିକାରକୁ ପ୍ରଭାବିତ କରିବ ନାହିଁ ।

ଦାବୀ ଫାଇଲ କରାଯିବା ।

୪ । (୧) ଧାରା ୩ ଅଧୀନରେ ଅଧିକାର ନିର୍ବାପିତ ହେଲେ କୌଣସି ସ୍ୱାର୍ଥଯୁକ୍ତ ବ୍ୟକ୍ତି, ଯାହାଙ୍କର ଅଧିକାର ଏହି ରୂପେ ନିର୍ବାପିତ ହୋଇଥିବ, ଉକ୍ତ ଧାରା ଅଧୀନରେ ଅଧିସୂଚନାର ପ୍ରକାଶନ ତାରିଖଠାରୁ ଷାଠିଏ ଦିନ ମଧ୍ୟରେ ସେପରି ଅଧିକାର ସମ୍ପର୍କରେ ପ୍ରଦେୟ କ୍ଷତିପୂରଣ (ଯଦିଥାଏ)ର ଅବଧାରଣ ନିମିତ୍ତ ଅଧିକାରପ୍ରାପ୍ତ ଥିବା ଦାବୀ ଅଫିସରଙ୍କ ବିହିତ ଫର୍ମରେ ଆବେଦନ କରିପାରିବେ :

ପରନ୍ତୁ ସରକାରଙ୍କ ଦ୍ୱାରା ବା ତରଫରୁ କୌଣସି ସମୟରେ ବିନା କ୍ଷତିପୂରଣରେ ଅଧିକାର ସମ୍ପର୍କରେ କ୍ଷତିପୂରଣ ପ୍ରଦେୟ ହେବନାହିଁ ।

(୨) ଉପଧାରା (୧) ଅଧୀନରେ ଆବେଦନ ପ୍ରାପ୍ତହୋଇ ଦାବୀ ଅଫିସର ସମ୍ପୃକ୍ତ ପକ୍ଷମାନଙ୍କୁ ଓ ସମ୍ପୃକ୍ତ ଗ୍ରାମ ପଞ୍ଚାୟତକୁ ଶୁଣାଣିର ଅବସର ଦେଇ ଏବଂ ବିହିତ ରୀତିରେ ଯାଞ୍ଚ କରି ଭୂମି ଅର୍ଜନ ଅଧିନିୟମ, ୧୮୯୪ର ଧାରା ୨୩ର ଉପଧାରା (୧) ଓ ଧାରା ୨୪ର ଉପବନ୍ଧ ଅନୁସାରେ ଅଧିକାରର ପ୍ରକୃତି ଓ ତତ୍ସମ୍ପର୍କରେ ପ୍ରଦେୟ କ୍ଷତିପୂରଣ (ଯଦିଥାଏ) ଅବଧାରଣ କରିବେ;

(୩) ଉପଧାରା (୨) ଅଧୀନରେ ଦାବୀ ଅଫିସରଙ୍କ ଦ୍ୱାରା ଅବଧାରିତ କ୍ଷତିପୂରଣ ସରକାରଙ୍କ ଦ୍ୱାରା ବିହିତ ରୀତିରେ ଦିଆଯିବ ।

(୪) ଦାବୀ ଅଫିସରଙ୍କ ନିକଟରେ କାର୍ଯ୍ୟବାହୀରେ ପକ୍ଷରୂପେ ଅଭିଯୋଜିତ ହେବାକୁ ସରକାରଙ୍କର ଅଧିକାର ରହିବ ।

ଗ୍ରାମ ଶାସନରେ ନିହିତ ସମ୍ପତ୍ତିର ଦଖଲ ଓ ପରିଚାଳନା ନିଆଯିବା ।

୫ । (୧) ଧାରା ୩ ଅଧୀନରେ ଘୋଷଣା କରାଗଲେ, ସମ୍ପୃକ୍ତ ଗ୍ରାମଶାସନ, ବିହିତ ହେବାମତେ ସର୍ତ୍ତ ଓ ନିର୍ବନ୍ଧନର ଅଧୀନରେ ଯେଉଁ ସବୁ ସମ୍ପର୍କରେ ସେପରି ଘୋଷଣା ହୋଇଥିବ ସେହି ସମ୍ପତ୍ତିର ଦଖଲ, ପରିଚାଳନା ଓ ନିୟନ୍ତ୍ରଣ ପାଇଁ ହକଦାର ହେବ ଏବଂ ସେପରି କୌଣସି ସମ୍ପତ୍ତିର ଦଖଲ ନିଆଯିବାରେ କିଛି ବାଧା ଆସିଲେ ଗ୍ରାମଶାସନ କଲେକ୍ଟରଙ୍କୁ ଆବେଦନ କରିପାରିବେ ଯେ କି ଗ୍ରାମ ଶାସନକୁ ସମ୍ପତ୍ତିର ଦଖଲରେ ରଖାଇବାକୁ ଆବଶ୍ୟକ ହେବା ମତେ ବ୍ୟବସ୍ଥା ଗ୍ରହଣ କରିବେ ।

(୨) ପୂର୍ବୋକ୍ତ ସମ୍ପତ୍ତିରୁ ଆୟ ଗ୍ରାମ ନିଧିରେ ଜମା ଦିଆଯିବ ।

(୩) ସେପରି ସମ୍ପତ୍ତି ସମ୍ପର୍କରେ ଲେଖା ବିହିତ ରୀତିରେ ଅନୁରକ୍ଷିତ ହେବ ।

ନିହିତ ହୋଇସାରିଥିବା ସମ୍ପତ୍ତି ସମ୍ପର୍କରେ ବିଶେଷ ଉପବନ୍ଧ ।

୬ । (୧) ଏହି ଅଧିନିୟମ ଏବଂ ତଦଧୀନ ପ୍ରଣୀତ ନିୟମାବଳି ଓ ଆଦେଶର ଉପବନ୍ଧଗୁଡ଼ିକ ସରକାରଙ୍କର ହୋଇଥିବା ଏବଂ ଏହି ଅଧିନିୟମର ପ୍ରାରମ୍ଭ ତାରିଖ ପୂର୍ବରୁ ସରକାରଙ୍କ ଦ୍ଵାରା ପ୍ରଣୀତ ଆଦେଶର ଅନୁସରଣରେ ଗ୍ରାମଶାସନଠାରେ ଦଖଲ, ପରିଚାଳନା ନିହିତ ହୋଇଥିବା ପୋଖରୀ, ତୋଟାବାଡ଼ି ଓ ଗଛ ସମ୍ପର୍କରେ, ଯେତେଦୂର ସମ୍ଭବ, ଲାଗୁ ହେବ ଏବଂ ଉପଧାରା (୨)ର ଉପବନ୍ଧଗୁଡିକର ଅଧୀନରେ ଗ୍ରାମଶାସନଠାରେ ସେପରି ସମ୍ପତ୍ତିର ଦଖଲ, ପରିଚାଳନା ଓ ନିୟନ୍ତ୍ରଣର ବିଧାନ ଏହି ଅଧିନିୟମ ଅଧୀନରେ ପୂର୍ବୋକ୍ତ ତାରିଖରେ କରାଯାଇଥିବା ପରି ପୂର୍ଣ୍ଣତଃ ଓ ପ୍ରଭାବୀ-ରୂପେ ପ୍ରବୃତ୍ତ ଓ କାର୍ଯ୍ୟକାରୀ ହେବ :

ପରନ୍ତୁ ପୂର୍ବୋକ୍ତ ରୂପେ ସରକାରଙ୍କ ଆଦେଶ ତାରିଖ ପରେ କୌଣସି ସମୟରେ ଗ୍ରାମଶାସନ ଦ୍ଵାରା କୌଣସି ବ୍ୟକ୍ତିଙ୍କ ପକ୍ଷରେ ସେପରି ସମ୍ପତ୍ତିରେ ବିଧିମାନ୍ୟରୂପେ ସୃଷ୍ଟ ଅଧିକାର ନିର୍ବାପିତ କରିବାକୁ ଏଥିରେ ଅନ୍ତର୍ବିଷ୍ଟ କିଛି ବିଷୟର ପ୍ରଭାବ ରହିବ ନାହିଁ ।

(୨) ଉପଧାରା (୧)ର ଉପବନ୍ଧଗୁଡ଼ିକ ଲାଗୁ ହେଉଥିବା ପୋଖରୀ, ତୋଟାବାଡ଼ି ଓ ଗଛ ସମ୍ପର୍କରେ—

(କ) ଏହି ଅଧିନିୟମର ପ୍ରାରମ୍ଭ ତାରିଖରେ କଲେକ୍ଟରଙ୍କ ଦ୍ଵାରା ସେପରି ସମ୍ପତ୍ତି ନିର୍ଦ୍ଦିଷ୍ଟ କରାଯାଇ ଏକ ଘୋଷଣା କରାଯାଇଛି ବୋଲି ବିବେଚିତ ହେବ;

(ଖ) ଏହି ଅଧିନିୟମର ପ୍ରାରମ୍ଭ ତାରିଖଠାରୁ ଷାଠିଏ ଦିନ ମଧ୍ୟରେ ଧାରା ୪ର ଉପଧାରା (୧) ଅଧୀନରେ ଆବେଦନ କରାଯାଇ ପାରିବ; ଏବଂ

(ଗ) ଉକ୍ତ ତାରିଖରେ କୌଣସି ସିଭିଲ ବା ରାଜସ୍ଵ ନ୍ୟାୟାଳୟ କିମ୍ବା ଅନ୍ୟ କୌଣସି ରାଜସ୍ଵ ପ୍ରାଧିକାରୀଙ୍କ ନିକଟରେ ଉକ୍ତ ତାରିଖରେ ଲମ୍ବିତ ଥିବା ସମସ୍ତ କାର୍ଯ୍ୟବାହୀ ଯେ ପର୍ଯ୍ୟନ୍ତ ଏହି ଅଧିନିୟମର ପ୍ରବର୍ତ୍ତନ ଦ୍ଵାରା ନିର୍ବାପିତ ଅଧିକାର ସମ୍ପର୍କରେ ହୋଇଥିବ, ସେ ପର୍ଯ୍ୟନ୍ତ ବାତିଲ ହୋଇଯିବ ।

(୩) ଅନ୍ୟ କୌଣସି ବିଧି ବା ସଂବିଦା କିମ୍ବା କୌଣସି ନ୍ୟାୟାଳୟ ବା ଅନ୍ୟ ପ୍ରାଧିକାରୀଙ୍କ ନିର୍ଣ୍ଣୟ, ଡିକ୍ରୀ ବା ଆଦେଶରେ କିଛି ବିରୁଦ୍ଧ ବିଷୟ ଅନ୍ତର୍ବିଷ୍ଟ ଥିବା ସତ୍ତ୍ଵେ ଏହି ଧାରାର ଉପବନ୍ଧଗୁଡିକର ପ୍ରଭାବ ରହିବ ।

ପରିଚାଳନାରୁ ପ୍ରତ୍ୟାହରଣ ।

୭ । (୧) ଯଦି କୌଣସି ସମୟରେ ସରକାରଙ୍କୁ ପ୍ରତୀତ ହୁଏ ଯେ—

(କ) ଗ୍ରାମ ଶାସନ ଧାରା ୩ ଅଧୀନରେ କରାଯାଇଥିବା କୌଣସି ଘୋଷଣାରେ ନିର୍ଦ୍ଦିଷ୍ଟ କୌଣସି ସମ୍ପତ୍ତି ଦକ୍ଷତାରସହ ପରିଚାଳନା କରିବାକୁ ସମର୍ଥ ନୁହେଁ ; ବା

(ଖ) ଲୋକ ସ୍ଵାର୍ଥ ଦୃଷ୍ଟିରୁ ସେପରି କରିବା ଅନ୍ୟଥା ଆବଶ୍ୟକ ;

ସେ ଆଦେଶ ଦ୍ୱାରା ନିର୍ଦ୍ଦେଶ ଦେଇ ପାରିବେ ଯେ ସେପରି ସମ୍ପତ୍ତିର ଦଖଲ, ପରିଚାଳନା ଓ ନିୟନ୍ତ୍ରଣ ସରକାରଙ୍କୁ ଅନ୍ତରିତ ହେବ :

ପରନ୍ତୁ ସେପରି ଆଦେଶ କରାଗଲେ—

(କ) ଗ୍ରାମଶାସନ ତାହାର ନିଜ ଖର୍ଚ୍ଚରେ ସ୍ଥାୟୀ ପ୍ରକୃତିର କିଛି ଅଭିବୃଦ୍ଧି କରିଥିଲେ ସେଥି ନିମିତ୍ତ ଗ୍ରାମଶାସନ ସରକାରଙ୍କ ଦ୍ୱାରା ଅବଧାରିତ ହେବାମତେ କ୍ଷତିପୂରଣ ପାଇବାକୁ ହକଦାର ହେବେ ; ଏବଂ

(ଖ) ଗ୍ରାମଶାସନ ଦଖଲରେ ରହିଥିବା କାଳାବଧିରେ କୌଣସି ସମୟରେ ଗ୍ରାମଶାସନ ଦ୍ୱାରା କୌଣସି ବ୍ୟକ୍ତିଙ୍କ ପକ୍ଷରେ ଯଦି କିଛି ଅଧିକାର ସୃଷ୍ଟି ହୋଇଥାଏ, ତାହା ନିର୍ବାପିତ ହୋଇଯିବ ଏବଂ ସେପରି ବ୍ୟକ୍ତି ଉକ୍ତ ଆଦେଶ ତାରିଖଠାରୁ ଷାଠିଏ ଦିନ ମଧ୍ୟରେ ସେଥି ନିମିତ୍ତ ଆବେଦନ କରିଗଲେ, ଯେତେଦୂର ସମ୍ଭବ ଧାରା ୪ ର ଉପବନ୍ଧ ଅନୁସାରେ କ୍ଷତିପୂରଣ ପାଇବାକୁ ହକଦାର ହେବେ ।

(୨) ଉପଧାରା (୧) ଅଧୀନରେ ଆଦେଶ ଦିଆଯିବା ତାରିଖରେ ଓ ତାରିଖଠାରୁ ଧା.ରା (୩) ଅଧୀନରେ ଘୋଷଣା ପ୍ରବଳ ରହିତ ହେବ ଏବଂ ଉକ୍ତ ଘୋଷଣା ପରେ ସେପରି ସମ୍ପତ୍ତିର ଆୟ ରାଜ୍ୟର ସଞ୍ଚିତ ନିଧିରେ ଜମା ଦିଆଯିବ ।

ଅପିଲ ଓ ପୁନରୀକ୍ଷଣ ଏବଂ ସିଭିଲ ନ୍ୟାୟାଳୟର ଅଧିକାରିତାର ପ୍ରତିବନ୍ଧକ ।

୮ । (୧) ଧାରା ୪ ଅଧୀନରେ ଦାବୀ ଅଫିସରଙ୍କ ବିନିଶ୍ଚୟ ଦ୍ୱାରା ବ୍ୟଥିତ ହୋଇଥିବା କୌଣସି ବ୍ୟକ୍ତି, ଆଦେଶ ତାରିଖଠାରୁ ତିରିଶ ଦିନ ମଧ୍ୟରେ ଅଧିକାରିତା ଥିବା ରାଜସ୍ୱ ମଣ୍ଡଳୀୟ କମିସନରଙ୍କ ନିକଟରେ ଅପିଲ କରିପାରିବେ ।

(୨) ଉପଧାରା (୧) ଅଧୀନରେ ଅପିଲରେ ଦିଆଯାଇଥିବା ଆଦେଶ ଦ୍ୱାରା ବ୍ୟଥିତ ହୋଇଥିବା କୌଣସି ବ୍ୟକ୍ତି, ସେପରି ଆଦେଶ ତାରିଖଠାରୁ ନବେ ଦିନ ମଧ୍ୟରେ ବିଧିଗତ ପ୍ରଶ୍ନ ଉପରେ ଉଚ୍ଚ ନ୍ୟାୟାଳୟ ନିକଟରେ ପୁନରୀକ୍ଷଣ ନିମିତ୍ତ ଆବେଦନ ଫାଇଲ କରିପାରିବେ ।

(୩) ପୂର୍ବବର୍ତ୍ତୀ ଉପଧାରାଗୁଡ଼ିକ ଅଧୀନରେ ଅପିଲ ବା ପୁନରୀକ୍ଷଣ ଯଦି ଥାଏ, ତାହାର ବିନିଶ୍ଚୟର ଅଧ୍ୟଧୀନରେ ଏହି ଅଧିନିୟମରେ ଦିଆଯାଇଥିବା ସମସ୍ତ ଆଦେଶ ଚୂଡ଼ାନ୍ତ ହେବ ।

(୪) ଯେଉଁ ବିଷୟ ବିନିଶ୍ଚୟ କରିବାକୁ ଏହି ଅଧିନିୟମ ଅଧୀନରେ କୌଣସି ଅଫିସର ବା ଅନ୍ୟ ସକ୍ଷମ ପ୍ରାଧିକାରୀ ସଶକ୍ତ ହୋଇଥିବେ ସେହି ବିଷୟ ସମ୍ପର୍କରେ ହୋଇଥିବା ପର୍ଯ୍ୟନ୍ତ କୌଣସି ବାଦ ବା କାର୍ଯ୍ୟବାହୀ ଗ୍ରହଣ କରିବାକୁ କୌଣସି ସିଭିଲ ନ୍ୟାୟାଳୟର ଅଧିକାରିତା ରହିବ ନାହିଁ ।

ସ୍ପଷ୍ଟୀକରଣ—ଏହି ଧାରାର ଉଦ୍ଦେଶ୍ୟ ନିମିତ୍ତ "ବ୍ୟକ୍ତି" ସରକାରଙ୍କୁ ଅନ୍ତର୍ଗତ କରିବ ।

ପ୍ରାଧିକାରୀମାନେ ସିଭିଲ ନ୍ୟାୟାଳୟର କେତେକ ଶକ୍ତି ପ୍ରୟୋଗ କରିବେ ।

୯ । (୧) କୌଣସି ବାଦର ବିଚାର କରିବା ସମୟରେ—

(କ) ସାକ୍ଷୀମାନଙ୍କୁ ସମନ କରିବା ଓ ସେମାନଙ୍କର ହାଜର ବାଧ୍ୟ କରିବା ଓ ସେମାନଙ୍କୁ ସଶପଥ ପରୀକ୍ଷା କରିବା ;

(ଖ) ଦସ୍ତାବେଜର ଆବିଷ୍କାର ଓ ପେଶ ଆବଶ୍ୟକ କରିବା ;

(ଗ) ଶପଥ-ପତ୍ର ଉପରେ ସାକ୍ଷ୍ୟ ଗ୍ରହଣ କରିବା ; ଏବଂ

(ଘ) ବିହିତ ହେବାମତେ ସେପରି ଅନ୍ୟାନ୍ୟ ବିଷୟ ସମ୍ପର୍କରେ ସିଭିଲ ପ୍ରକ୍ରିୟା ସଂହିତା, ୧୯୦୮ ଅଧୀନରେ ସିଭିଲ ନ୍ୟାୟାଳୟରେ ଯେଉଁ ଶକ୍ତି ନିହିତ ହୋଇଅଛି ଏହି ଅଧିନିୟମର ଉଦ୍ଦେଶ୍ୟ ନିମିତ୍ତ ଦାବୀ ଅଫିସର, କଲେକ୍ଟର ଓ ରାଜସ୍ୱ ମଣ୍ଡଳୀୟ କମିସନରଙ୍କର ସେହି ଶକ୍ତି ରହିବ ।

(୨) ଏହି ଅଧିନିୟମ ଅଧୀନରେ ପୂର୍ବୋକ୍ତ ପ୍ରାଧିକାରୀଙ୍କ ନିକଟରେ ସମସ୍ତ ଯାଞ୍ଚ ଓ କାର୍ଯ୍ୟବାହୀ ଭାରତୀୟ ଦଣ୍ଡ ସଂହିତାର ଧାରା ୧୯୩, ୨୧୯ ଓ ୨୨୮ ର ଅର୍ଥାନ୍ତର୍ଗତରେ ନ୍ୟାୟିକ କାର୍ଯ୍ୟବାହୀରୂପେ ବିବେଚିତ ହେବ ।

ନିୟମାବଳି ପ୍ରଣୟନ କରିବା ଶକ୍ତି ।

୧୦ । (୧) ସରକାର ଏହି ଅଧିନିୟମର ଉଦ୍ଦେଶ୍ୟଗୁଡ଼ିକ କାର୍ଯ୍ୟାନ୍ୱିତ କରିବା ନିମିତ୍ତ ନିୟମାବଳି ପ୍ରଣୟନ କରି ପାରିବେ ।

(୨) ବିଶେଷତଃ ଏବଂ ପୂର୍ବୋକ୍ତ ଶକ୍ତିର ବ୍ୟାପକତା ପ୍ରତି ପ୍ରତିକୂଳ ପ୍ରଭାବ ନ ପକାଇ, ସେହି ନିୟମାବଳି—

(କ) ଏହି ଅଧିନିୟମର କୌଣସି ଉପବନ୍ଧ ଅଧୀନରେ ଅଗ୍ରସର ହେବା ସମ୍ବନ୍ଧରେ ଦାବୀ ଅଫିସର, କଲେକ୍ଟର ଓ ରାଜସ୍ୱ ମଣ୍ଡଳୀୟ କମିସନରଙ୍କ ଦ୍ୱାରା ଅନୁସୃତ ହେବା ପ୍ରକ୍ରିୟା;

(ଖ) ଆବେଦନ, ସୂଚନା ଓ ଲେଖା ବହିର ଫାରମ;

(ଗ) ଏହି ଅଧିନିୟମର ଉପବନ୍ଧଗୁଡ଼ିକ ଅଧୀନରେ ବିହିତ ହେବା ଆବଶ୍ୟକ ବା ବିହିତ ହୋଇପାରିବା ଅନ୍ୟ ସମସ୍ତ ବିଷୟ ନିମିତ୍ତ ବ୍ୟବସ୍ଥା କରିପାରିବ ।

(୩) ଏହି ଧାରା ଅଧୀନରେ ପ୍ରଣୀତ ସମସ୍ତ ନିୟମାବଳି ପ୍ରଣୀତ ହେବା ପରେ ଯେତେ ଶୀଘ୍ର ସମ୍ଭବ ବିଧାନ ସଭାରେ ମୋଟ ଚଉଦ ଦିନ କାଳାବଧି ନିମିତ୍ତ ଉପସ୍ଥାପିତ କରାଯିବ ଯାହାକି ଏକ ବା ଅଧିକ ଅଧିବେଶନରେ ସମାବିଷ୍ଟ ହୋଇପାରିବ ଏବଂ ଉକ୍ତ କାଳାବଧି ମଧ୍ୟରେ ବିଧାନସଭା ଯେପରି କରିପାରେ ସେହି ରୂପାନ୍ତରଣର ଅଧୀନ ହେବ ।

ଅଧିନିୟମ ଅନ୍ୟାନ୍ୟ ବିଧିକୁ ଉଲ୍ଲଙ୍ଘନ କରିବ ।

୧୧ । ଅଭିବ୍ୟକ୍ତ ରୂପେ ଅନ୍ୟଥା ଉପବନ୍ଧିତ ହୋଇଥିବା ବ୍ୟତିରେକେ, ଅନ୍ୟ କୌଣସି ବିଧି, ରୀତି ବା ପ୍ରଥା ବା ରାଜିନାମା, ସନନ୍ଦ ବା ଅନ୍ୟ ଅନୁଦାନ କିମ୍ବା ନ୍ୟାୟାଳୟ ବା ଅନ୍ୟ ପ୍ରାଧିକାରୀଙ୍କ ଡିକ୍ରୀ ବା ଆଦେଶରେ କିଛି ବିଷୟ ପ୍ରତିକୂଳ ଥିବା ସତ୍ତ୍ୱେ ଏହି ଅଧିନିୟମର ଉପବନ୍ଧଗୁଡ଼ିକର ପ୍ରଭାବ ରହିବ ।

ସନ୍ଦେହ ଓ ଅଡ଼ୁଆ ଦୂରକରିବା ଶକ୍ତି ।

୧୨ । ଏହି ଅଧିନିୟମର ଉପବନ୍ଧଗୁଡ଼ିକ ପ୍ରଭାବୀ କରିବାରେ ଯଦି କିଛି ସନ୍ଦେହ ବା ଅଡ଼ୁଆ ଉଦ୍‌ଭୂତ ହୁଏ, ସରକାର ପରିସ୍ଥିତି ଆବଶ୍ୟକ କରୁଥିବାମତେ ଆଦେଶଦ୍ୱାରା, ସନ୍ଦେହ ବା ଅଡ଼ୁଆ ଦୂର କରିବା ଉଦ୍ଦେଶ୍ୟ ନିମିତ୍ତ ତାଙ୍କୁ ଆବଶ୍ୟକ ପ୍ରତୀତ ହେଉଥିବା ମତେ, ଏହି ଅଧିନିୟମ ବା ତଦଧୀନ ପ୍ରଣୀତ ନିୟମାବଳିର ଉପବନ୍ଧଗୁଡ଼ିକର ଅସଙ୍ଗତ ହୋଇ ନଥିବା ଯେ କୌଣସି କାର୍ଯ୍ୟ କରିପାରିବେ ।

OGP—MP-VIII ( Law ) 84—1,000—18-5-1967